# ସର୍ବମହୌଷଧି ପୋଦିନା

ପୋଦିନାକୁ ସାଧାରଣତଃ କଞ୍ଚା ଖିଆଯାଏ । ଏହା ଅତ୍ୟନ୍ତ ରୁଚିକର କେବଳ ସେତିକି ନୁହେଁ, ଏହାର ଅନେକ ଔଷଧୀୟ ଗୁଣ ଅଛି । ତାହା ନିମ୍ନରେ ପ୍ରଦାନ କରାଗଲା ।

## ଏହାର ଔଷଧୀୟ ଗୁଣ :

- ପୋଦିନା ପତ୍ର ବାଟି ଖାଇଲେ ଜୀର୍ଣ୍ଣ ଶକ୍ତି ବଢ଼େ ।
- ପୋଦିନା ପତ୍ର ରସରେ ମହୁ ମିଶାଇ ପାନ କଲେ ସଙ୍ଗେ ସଙ୍ଗେ ବାନ୍ତି ପେଟ କାମୁଡ଼ା, ପେଟ ଟଣା ପ୍ରଭୃତି ଭଲ ହୋଇଯାଏ ।
- ପୋଦିନା ପତ୍ର ସହିତ ଲବଙ୍ଗ, ଜିରା, ଗୋଲମରିଚ ସମପରିମାଣରେ ବାଟି ନିୟମିତ କିଛିଦିନ ସେବନ କଲେ ବାୟୁ, ପିତ୍ତ, ଶିରପୀଡ଼ା, ଅରୁଚି, ବାନ୍ତି, ତୃଷା, ଅଜୀର୍ଣ୍ଣ ପ୍ରଭୃତି ରୋଗ ନିବାରିତ ହୁଏ ।
- ପୋଦିନା ପତ୍ରକୁ ଶୁଣ୍ଠି ସହିତ ବାଟି ସାତପାନ ସେବନ କଲେ ପେଟର ଯାବତୀୟ ଆମଦୋଷ ଦୂର ହୋଇଯାଏ ।
- ପୋଦିନା ପତ୍ର ରସରେ ଲୁଣ ମିଶାଇ ପାନ କଲେ ଅଗ୍ନିମାନ୍ଦ୍ୟ, ଅଜୀର୍ଣ୍ଣ ଏବଂ ଆମ୍ଳିକା ହାକୁଟି ଶୀଘ୍ର ଭଲ ହୋଇଯାଏ ।
- ଛୋଟ ପିଲାଙ୍କୁ ନିୟମିତ ପୋଦିନାପତ୍ର ରସ ପାନ କରାଇଲେ ଏକ ସପ୍ତାହ ମଧ୍ୟରେ କୃମିଦୋଷ ଦୂର ହୋଇଯାଏ ।
- ପୋଦିନା ପତ୍ର ରସରେ ଅଳ୍ପ କାଗେଜି ଲେମ୍ବୁରସ ଓ ମିଶ୍ରି ମିଶାଇ ପାନ କଲେ ଅତିସାର, ଅମାଶୟ, ଅଜୀର୍ଣ୍ଣ, ପେଟ ଫାମିବା ଓ ଯାବତୀୟ ଶୂଳରୋଗ ନିବାରିତ ହୁଏ ।



# ଘରୋଇ ଉପାୟରେ ବ୍ରଣ ଦୂର କରନ୍ତୁ





ଅଧିକାଂଶଙ୍କ ମୁହଁରେ ବ୍ରଣ ହେବା ଯୋଗୁଁ ତ୍ୱଚା ଅସୁନ୍ଦର ଦେଖାଯାଇଥାଏ । ଏହା ସହିତ ବ୍ରଣର ଦାଗ ମଧ୍ୟ ବହୁ ଦିନ ପର୍ଯ୍ୟନ୍ତ ରହିଯାଏ । ବଜାରରେ ବିଭିନ୍ନ ପ୍ରକାର କ୍ରିମ୍ ମିଳୁଛି । ମାତ୍ର କେତୋଟି ଘରୋଇ ଉପାୟରେ ଏହି ସମସ୍ୟାକୁ ମଧ୍ୟ ଦୂର କରାଯାଇ ପାରିବ ।

- ତ୍ୱଚାରୁ ବ୍ରଣ ସମସ୍ୟାକୁ ଦୂର କରିବା ପାଇଁ ମହୁର ଭୂମିକା ଗୁରୁତ୍ୱ ପୂର୍ଣ୍ଣ । ବ୍ରଣ ଉଠିଥିବା ସ୍ଥାନରେ ମହୁକୁ ଛଅ ଘ । ପର୍ଯ୍ୟନ୍ତ ଲଗାଇ ରଖନ୍ତୁ । ଦେଖିବେ ବ୍ରଣ କମିଯିବା ସହ ଦାଗ ମଧ୍ୟ ଲିଭିଯିବ ।
- ଏହା ବ୍ୟତୀତ ବ୍ରଣ ହୋଇଥିବା ସ୍ଥାନରେ ଲେମ୍ବୁ ରସ ଲଗାଇ ପାରିବେ । ଏହା ବ୍ରଣ ହେବା କମ୍ କରିବା ସହ ଦାଗ ମଧ୍ୟ ଦୂର କରିଦିଏ ।
- ବ୍ରଣ ସମସ୍ୟା ଦୂର କରିବାରେ ରସୁଣ ବହୁତ ଉପକାରୀ । ୫/୬ଟା ରସୁଣ ପାଖୁଡ଼ା ନେଇ ବାଟି ଦିଅନ୍ତୁ । ଏହି ବଟା ରସୁଣକୁ ତ୍ୱଚାରେ ଲଗାଇ ଦଶ ମିନିଟ୍ ପରେ ଅଣ୍ଟା ପାଣିରେ ଧୋଇ ଦିଅନ୍ତୁ । ଏହାଦ୍ୱାରା ତ୍ୱଚାରେ ରହିଥିବା ଜୀବାଣୁ ନଷ୍ଟ ହୋଇଯିବେ ଏବଂ ବ୍ରଣ ହେବା କମିଯିବ ।
- ବଜାରରେ ମିଳୁଥିବା 'ଆପଲ୍ ସାଇଡ୍‌ର ଭିନେଗାର୍'କୁ କ୍ଲିନ୍‌ଜର ଭାବେ ବ୍ୟବହାର କରିପାରିବେ । ଏହା ତ୍ୱଚାରେ ଥିବା ମୃତ ଜୀବକୋଷକୁ ନଷ୍ଟ କରିଦିଏ ଏବଂ ବ୍ରଣ ସମସ୍ୟା କମ୍ କରେ । କିନ୍ତୁ ଏହାକୁ ଅଧିକ ମାତ୍ରାରେ ବ୍ୟବହାର କରିବେ ନାହିଁ ।

# ଓଠ ଯତ୍ନ ନେବେ କିପରି ?



ଓଠ ଫାଟିବା ଓ ରୁକ୍ଷ ହୋଇଯିବା କିଛି ନୂଆ କଥା ନୁହେଁ । ଏହି ଋତୁରେ ଏହା ମୁଖ୍ୟ ସମସ୍ୟା । କିନ୍ତୁ କିଛି କଥା ପ୍ରତି ଧ୍ୟାନ ଦେଲେ ଓଠ ପୂରା ନରମ ରହିବ ।

ଶରୀରରେ ଜଳୀୟ ଅଂଶ କମିବାକୁ ଦିଅନ୍ତୁ ନାହିଁ । ଦିନସାରା ଅତିକମ୍‌ରେ ଆଠ ଗ୍ଲାସ୍ ପାଣି ପିଅନ୍ତୁ । ଏହାଦ୍ୱାରା ଆପଣଙ୍କର ଓଠ ରୁକ୍ଷ ହେବ ନାହିଁ ।

ଦିନରେ ତିନିଥର ଓଠରେ ଜେଲ୍ ଲଗାନ୍ତୁ ।

ରାତିରେ ଶୋଇବା ପୂର୍ବରୁ ନାଭିରେ ସୋରିଷ ତେଲ ଲଗାନ୍ତୁ । ଓଠ ନରମ ରହିବ ।



ଓଠରେ ମହୁ ଲଗାନ୍ତୁ ।

ଲ । ଲ ଗୋ ଲା ପ ର ପାଖୁଡ଼ା ମକଚି ଓ ଠ ରେ ର ଲଗାଇଲେ ଓଠ କ ଳ । ଦୂରେଇଯିବ ।

ଓଠକୁ ବେଶୀ ଚାଟନ୍ତୁ ନାହିଁ । ଏହାଦ୍ୱାରା ଓଠ ବେଶୀ ଶୁଷ୍କ ହୋଇଯିବ ।

# ସୁସ୍ଥ ରହିବା ପାଇଁ ଫଳରସ ପିଅନ୍ତୁ



- ସେଓ, ଅଙ୍ଗୁର ଓ ନାସପାତିର ରସ ସମାନ ମାତ୍ରାରେ ମିଶାଇ ପିଇବା ଫଳରେ ପକ୍ଷାଘାତ ଠିକ୍ ହୋଇଥାଏ ।
- ବିଟ୍, ବିଲାତି, ଗାଜର, କମଳା, ପ୍ରତ୍ୟେକର ୨୫ ଗ୍ରାମ୍ ରସ ପ୍ରତିଦିନ ଦୁଇ ମାସ ପର୍ଯ୍ୟନ୍ତ ପିଇଲେ ଚେହେରାର ଦାଗ, ମୁହଁର ଚର୍ମ କୁଂନ ଆଦି ଦୂର ହୋଇ ଚେହେରା ପରିଷ୍କାର ଏବଂ ସୁଲଭ ହୋଇଥାଏ ।
- ପନିପରିବା ଓ ଫଳରସ ମୁଖ୍ୟ ଭୋଜନ ସହିତ ନୁହେଁ, ବରଂ ଉଭୟ ବେଳା ଖାଦ୍ୟ ଖାଇବାର ଠିକ୍ ଘଂଟା ଏ ପୂର୍ବରୁ କିମ୍ବା ପରେ ପିଇବା ଉଚିତ୍ । ରସକୁ ଧୀରେ ଧୀରେ ପିଅନ୍ତୁ ।
- ରସ ବାହାର କରି ଅଧିକ ସମୟ ରଖନ୍ତୁ ନାହିଁ ।
- ରକ୍ତହୀନତାରେ ବିଲାତି, କାକୁଡ଼ି, ପାଳଙ୍ଗ ଓ ମୂଳା ରସ ପିଅନ୍ତୁ ।
- ହୃଦ୍‌ରୋଗରେ ଅମୃତଭଣ୍ଡା, ପଇଡ଼ ପାଣି, ଅଙ୍ଗୁର, ଡାଳିମ୍ବ ଆଦିର ରସ ସେବନ କରନ୍ତୁ ।
- ମଧୁମେହ ରୋଗୀଙ୍କୁ ମୂଳା, ଅଁଳା, କଲରା, ବିଲାତି, କାକୁଡ଼ି, ପାଳଙ୍ଗ, ଡାଳିମ୍ବ, କମଳା ରସ ପିଅନ୍ତୁ ।
- ଅମ୍ଳପିତ୍ତ ରୋଗୀକୁ ତରଭୁଜ, ଅଙ୍ଗୁର, ସେଓ, ମୂଳା ରସ ଦିଅନ୍ତୁ ।
- ଉଚ୍ଚ ରକ୍ତଚାପରେ ଗହମ ଚାରା, ଡାଳିମ୍ବ, କମଳା, ଅମୃତଭଣ୍ଡା, ଲେମ୍ବୁ, ବିଲାତି, ବିଟ୍, ରସୁଣ ରସ ପିଅନ୍ତୁ ।
- କୋଷ୍ଠବଦ୍ଧତା ରୋଗୀ କାକୁଡ଼ି, ଲାଉ, ଗାଜର, ସେ. କମଳା, ଅମୃତଭଣ୍ଡା ରସ ସେବନ କରନ୍ତୁ ।
- ଗଣ୍ଠିବାତ ରୋଗରେ ରସୁଣ, ସେଓ, ମୂଳା, ବନ୍ଧାକୋବି ରସ ସେବନ କରନ୍ତୁ ।
- ଜ୍ୱରରେ ଡାଳିମ୍ବ, କମଳା, ଲେମ୍ବୁ ରସ ସେବନ କରନ୍ତୁ ।
- ଝାଡ଼ାରେ ସପୁରୀ, ବେଲ, ସେଓ, ବିଟ୍ ରସ ସେବନ କଲେ ଲାଭ ମିଳିଥାଏ ।
- ଚକ୍ଷୁରୋଗରେ ଆମ୍ବ, କ୍ଷୀର, ମହୁ ଏବଂ ଅଁଳା, ମହୁ ରସ ସେବନ କରନ୍ତୁ । ଅମୃତଭଣ୍ଡା, ବିଲାତି, ମୂଳା, ପାଳଙ୍ଗ, କାଂଧନିଆ ପତ୍ର ରସ ପିଅନ୍ତୁ ।



